*1953*
*ଏପ୍ରିଲ 16*

**ଡାକ୍ତର ରାମ କ୍ରିଷନ୍ ଭରଦ୍ୱାଜ**

**ବନାମ**

**ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ**

**[ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ, ମୁଖାର୍ଜୀଆ, ଏସ୍. ଆର୍. ଦାସ, ଗୁଲାମ୍ ହାସନ୍ ଏବଂ ଭଗବତୀ, ନ୍ୟାୟମୂର୍ତ୍ତିବୃନ୍ଦ]**

*ପ୍ରତିରୋଧାତ୍ମକ ଅଟକ ଅଧିନିୟମ, 1952, ଧାରା 3 - ଭାରତର ସମ୍ବିଧାନ, 1950, ଅନୁଚ୍ଛେଦ 21, 22 (5) - ଅଟକବନ୍ଦୀଙ୍କୁ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବାର ଅଧିକାର - ଅସ୍ପଷ୍ଟ ଆଧାର - ମୁକ୍ତ ହେବାର ଅଧିକାର - ଅନେକ ଆଧାର ମଧ୍ୟରୁ ଗୋଟିଏର ଅସ୍ପଷ୍ଟତା - ଏହାର ପ୍ରଭାବ।*

ଅନୁଚ୍ଛେଦ 22 (5) ଅନୁଯାୟୀ, ଯେପରି ଏହି ନ୍ୟାୟାଳୟଙ୍କ ଏକ ପୂର୍ବ ନିଷ୍ପତ୍ତି ଦ୍ୱାରା ବ୍ୟାଖ୍ୟା କରାଯାଇଛି, ପ୍ରତିରୋଧାତ୍ମକ ଅଟକ ଅଧିନିୟମ ଅନୁଯାୟୀ ଜଣେ ଅଟକବନ୍ଦୀଙ୍କ, ଅଟକ ରଖାଯିବାର ଆଧାର ଜାଣିବାର ଅଧିକାର ବ୍ୟତୀତ, ପରିସ୍ଥିତି ଅନୁଯାୟୀ ସମ୍ପୂର୍ଣ୍ଣ ଏବଂ ପର୍ଯ୍ୟାପ୍ତ ବିବରଣୀ ପାଇବାର ଅଧିକାର ମଧ୍ୟ ରହିଛି ଯାହା ତାଙ୍କୁ ଅଟକାଦେଶ ବିରୁଦ୍ଧରେ ପ୍ରତିବେଦନ କରିବାକୁ ସକ୍ଷମ କରିବ ଏବଂ ଦ୍ୱିତୀୟ ଯୋଗାଯୋଗରେ ଦିଆଯାଇଥିବା ବିବରଣୀର ପର୍ଯ୍ୟାପ୍ତତା ଏକ ନ୍ୟାୟସଙ୍ଗତ ପ୍ରସଙ୍ଗ, ଯାହାର ପରୀକ୍ଷଣ ହେଉଛି ଯେ ସେଗୁଡ଼ିକ ଅଟକବନ୍ଦୀଙ୍କୁ ଏକ ପ୍ରତିବେଦନ କରିବାକୁ ସକ୍ଷମ କରିବାକୁ ଯଥେଷ୍ଟ କି ନାହିଁ ଯେଉଁ ଗୁଡ଼ିକର ବିଚାର କରାଯିବା ପରେ ତାଙ୍କୁ ପ୍ରତିକାର ମିଳିପାରେ।

ଏହି ଆଧାରଗୁଡ଼ିକ ଅସ୍ପଷ୍ଟ ହେବା ଉଚିତ ନୁହେଁ ବୋଲି ରହିଥିବା ସାମ୍ବିଧାନିକ ଆବଶ୍ୟକତା, ସମ୍ବିଧାନର ଅନୁଚ୍ଛେଦ 22 ର ଖଣ୍ଡ (6) ଅନୁଯାୟୀ ବିଶେଷାଧିକାର ଦାବିର ବଶବର୍ତ୍ତୀ ରହି, ଅଟକବନ୍ଦୀଙ୍କୁ ଜଣାଯାଇଥିବା ପ୍ରତ୍ୟେକଟି ଆଧାର ସମ୍ବନ୍ଧରେ ସନ୍ତୁଷ୍ଟ ହେବା ଆବଶ୍ୟକ।

ଯେଉଁଠାରେ ଉଲ୍ଲେଖ କରାଯାଇଥିବା ଆଧାରଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା, "ଆପଣ ବଡ଼ା ହିନ୍ଦୁ ରାଓ ଶରଣାର୍ଥୀ ସଂଘର ସଭାପତି ଭାବେ ଶରଣାର୍ଥୀମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀମାନଙ୍କ ନାମ ତାଲିକାଭୁକ୍ତ କରାଇ ଆନ୍ଦୋଳନ (ପ୍ରଜା ପରିଷଦ ଆନ୍ଦୋଳନ) ଆୟୋଜନ କରିଆସୁଛନ୍ତି":

*1953*

*ଡାକ୍ତର ରାମ କ୍ରିଷନ୍ ଭରଦ୍ୱାଜ ବନାମ ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ*

*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

ଏହା ବିଚାର କରାଯାଇଥିଲା ଯେ, ଏହି ଆଧାରଟି ଅସ୍ପଷ୍ଟ ଥିଲା ଏବଂ ଯଦିଓ ଅନ୍ୟ ଆଧାରଗୁଡ଼ିକ ଅସ୍ପଷ୍ଟ ନଥିଲା, ତଥାପି ଏହି ଅଟକ ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ଅନୁଯାୟୀ ହୋଇନଥିଲା ଏବଂ ସେଥିପାଇଁ ଅବୈଧ ଥିଲା ।

ନ୍ୟାୟ-ନିର୍ଣ୍ଣୟ: ପ୍ରତିରୋଧାତ୍ମକ ଅଟକ ବ୍ୟକ୍ତିଗତ ସ୍ୱାଧୀନତାର ଏକ ଗୁରୁତର ଉଲ୍ଲଙ୍ଘନ ଅଟେ ଏବଂ କ୍ଷମତାର ଅନୁପଯୁକ୍ତ ପ୍ରୟୋଗ ବିରୁଦ୍ଧରେ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଏହିପରି ସ୍ୱଳ୍ପ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ନ୍ୟାୟାଳୟଙ୍କ ଦ୍ୱାରା ସଜାଗ ଭାବରେ ନଜର ରଖିବା ଏବଂ କାର୍ଯ୍ୟକାରୀ କରିବା ଆବଶ୍ୟକ ।

ମୂଳ ଅଧିକରିତା: ଆବେଦନ ସଂଖ୍ୟା 67/1953 ।

ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ପାଇଁ ଆବେଦନ ।

ଆବେଦନକାରୀଙ୍କ ତରଫରୁ *ବେଦ ବ୍ୟାସ* (ତାଙ୍କ ସହିତ *ଭି. ଏନ୍. ସେଠୀ* ଏବଂ *ଏସ୍. କେ. କପୁର*) ।

ଉତ୍ତରଦାତାମାନଙ୍କ ତରଫରୁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତାଲୱାଡ଼* (ତାଙ୍କ ସହିତ *ଜି. ଏନ୍. ଯୋଶୀ*) ।

1953. ଏପ୍ରିଲ 16. ନ୍ୟାୟାଳୟଙ୍କ ରାୟ ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ଆବେଦନକାରୀ ଡାକ୍ତର ରାମ କ୍ରିଷନ୍ ଭରଦ୍ୱାଜ, ଯିଏକି ଦିଲ୍ଲୀର ଜଣେ ଡାକ୍ତରୀ ଚିକିତ୍ସକ ଅଟନ୍ତି ଏବଂ ବର୍ତ୍ତମାନ ତାଙ୍କୁ ବେଆଇନ ଅଟକରେ ରଖାଯାଇଥିବାର କୁହାଯାଉଛି, ତାଙ୍କୁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରି ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଏହା ଏକ ଆବେଦନ ।

ସଂଶୋଧିତ ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 3 ଅନୁଯାୟୀ ଦିଲ୍ଲୀର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ ଅନୁଯାୟୀ ଆବେଦନକାରୀଙ୍କୁ 1953 ମସିହା ମାର୍ଚ୍ଚ 10 ତାରିଖରେ ଗିରଫ କରାଯାଇଥିଲା । ଅଟକ ରଖିବାର ଆଧାରଗୁଡ଼ିକ ଆବେଦନକାରୀଙ୍କୁ 1953 ମସିହା ମାର୍ଚ୍ଚ 15 ତାରିଖରେ ସୂଚିତ କରାଯାଇଥିଲା । ସେହି ଯୋଗାଯୋଗର ପ୍ରଥମ ଅନୁଚ୍ଛେଦରେ କୁହାଯାଇଛି ଯେ

1953
ଡାକ୍ତର ରାମ କ୍ରିଷନ୍ ଭରଦ୍ୱାଜ
ବନାମ
ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ
ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ

"ଜନସଂଘ, ହିନ୍ଦୁ ମହାସଭା ଏବଂ ରାମ ରାଜ୍ୟ ପରିଷଦ ଆଇନର ଅବମାନନା ପାଇଁ କାଶ୍ମୀରର ପ୍ରଜା ପରିଷଦ ଆନ୍ଦୋଳନ ପ୍ରତି ସହାନୁଭୂତିଶୀଳ ହୋଇ ଏକ ବେଆଇନ ଅଭିଯାନ ଆରମ୍ଭ କରିଛନ୍ତି, ଯେଉଁଥିରେ ହିଂସା ଏବଂ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପ୍ରତି ବିପଦ ରହିଛି" ଯାହା ପରବର୍ତ୍ତୀ ଉପ-ଅନୁଚ୍ଛେଦ ଦ୍ୱାରା ପ୍ରମାଣିତ ହୋଇଛି । ଉପ-ଅନୁଚ୍ଛେଦ (a) ରୁ (l) ରେ ଉଲ୍ଲେଖ କରାଯାଇଥିବା ଘଟଣାଗୁଡ଼ିକ 1953 ମସିହା ମାର୍ଚ୍ଚ 4 ତାରିଖ ଠାରୁ ଆବେଦନକାରୀଙ୍କୁ ଗିରଫ କରାଯାଇଥିବା ତାରିଖ, ଅର୍ଥାତ 1953 ମସିହା ମାର୍ଚ୍ଚ 10 ତାରିଖ ପର୍ଯ୍ୟନ୍ତ ହୋଇଥିଲା ବୋଲି କୁହାଯାଇଛି, କିନ୍ତୁ ସେଗୁଡ଼ିକ ସିଧାସଳଖ ଭାବେ ଆବେଦନକାରୀଙ୍କୁ ସମ୍ପୃକ୍ତ କରେ ନାହିଁ । ସେଗୁଡ଼ିକ କେବଳ ଉପରୋକ୍ତ ତିନୋଟି ରାଜନୈତିକ ସଙ୍ଗଠନର ଆରୋପିତ ବେଆଇନ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରେ । ଉପ-ଅନୁଚ୍ଛେଦ (m) ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଏହା ଉପରେ ହିଁ ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲ ଶ୍ରୀ ବେଦ ବ୍ୟାସଙ୍କ ପ୍ରଥମ ଯୁକ୍ତିଟି ଆଧାରିତ । ଏହା ନିମ୍ନରେ ଦିଆଯାଇଛି: -

"(m) 1953 ମସିହା ମାର୍ଚ୍ଚ 11 ତାରିଖ ସନ୍ଧ୍ୟାରେ, ସବଜିମଣ୍ଡି ସ୍ଥାନରେ ଜନସଂଘ ଏବଂ ମହାସଭାର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା କିମ୍ବା ସେମାନଙ୍କ ପ୍ରରୋଚନାରେ ପ୍ରବଳ ଇଟା ମାଡ଼ ହୋଇଥିଲା, ଯେତେବେଳେ ପୋଲିସ୍ ଜନସଂଘ ଏବଂ ହିନ୍ଦୁ ମହାସଭାର ଏକ ଶୋଭାଯାତ୍ରାକୁ ଛତ୍ରଭଙ୍ଗ ଦେଇଥିଲା ଏବଂ ପୋଲିସ୍ କର୍ମଚାରୀଗଣ, ସାମ୍ବାଦିକଗଣ ଏବଂ ଅନ୍ୟାନ୍ୟ ଅଣ-ଅଧିକାରୀମାନଙ୍କ ସମେତ ଅନେକ ବ୍ୟକ୍ତି ଆହତ ହୋଇଥିଲେ । କୁମାରୀ ମ୍ରିଦୁଲା ସାରାଭାଇଙ୍କ ଉପରେ ଏକ ଆକ୍ରମଣ ହୋଇଥିଲା ଏବଂ ତାଙ୍କର ଜଣେ ସହଯୋଗୀ ଶ୍ରୀ ଡାନ୍ ଦୟାଲଙ୍କୁ ଛୁରୀରେ ଆଘାତ କରାଯାଇଥିଲା"।

ଏହା ଲକ୍ଷ୍ୟ କରାଯିବ ଯେ ଉପ-ଅନୁଚ୍ଛେଦରେ ସମ୍ପୃକ୍ତ ଘଟଣାଗୁଡ଼ିକ ଆବେଦନକାରୀଙ୍କୁ ଗିରଫ ଏବଂ ଅଟକ ରଖାଯିବାର ପରଦିନ, ଅର୍ଥାତ୍ ମାର୍ଚ୍ଚ 11 ତାରିଖରେ ଘଟିଥିବା ଅଭିଯୋଗ ହୋଇଛି । ଶ୍ରୀ ବେଦ ବ୍ୟାସ ଏହା ଉପରେ ନିର୍ଭର କରି ଦର୍ଶାଇଛନ୍ତି ଯେ ଆବେଦନକାରୀଙ୍କୁ ଅଟକ ରଖିବାର ଆରୋପିତ ଆବଶ୍ୟକତା ପ୍ରତି ଜିଲ୍ଲା ମାଜିଷ୍ଟ୍ରେଟ୍ ସଚେତନ ଭାବେ ବିଚାର କରିନଥିଲେ, କାରଣ ଯଦି ସେ ଏପରି କରିଥାନ୍ତେ, ତେବେ ମାର୍ଚ୍ଚ 11 ତାରିଖରେ ଯାହା ଘଟିଥିଲା ତାହାକୁ ଏକ ଯଥାର୍ଥ ଆଧାର କରି ମାର୍ଚ୍ଚ 10 ତାରିଖରେ ସେ ଯାହା କରିଥିଲେ ତାହାକୁ ସମ୍ଭବତଃ ଉଲ୍ଲେଖ କରିନଥାନ୍ତେ । ଯେଉଁ ତଥାକଥିତ ଆଧାରଗୁଡ଼ିକରେ ଅଟକ ରଖାଯାଇଛି, ତାହା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରେ କୌଣସି କିରାଣୀ କିମ୍ବା ଅଧସ୍ତନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବ ଏବଂ କିଛି ନ ଭାବି ନ

ଚିନ୍ତି ତାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ ବୋଲି ଉପସ୍ଥାପନ କରାଯାଇଥିଲା । ବିଜ୍ଞ ଆଟର୍ଣ୍ଣି-ଜେନେରାଲ୍ ବ୍ୟାଖ୍ୟା କରିଥିଲେ ଯେ ମାର୍ଚ୍ଚ 11 ତାରିଖର ଘଟଣାଗୁଡ଼ିକ ଆବେଦନକାରୀଙ୍କୁ ଗିରଫ କରିବା ଏବଂ ଅଟକ ରଖିବା ପାଇଁ ଏକ ଆଧାର ଭାବରେ ନୁହେଁ, ବରଂ କେବଳ ଜନସଂଘ ଏବଂ ଅନ୍ୟ ରାଜନୈତିକ ସଂସ୍ଥା ଦ୍ୱାରା ଆୟୋଜିତ ଆନ୍ଦୋଳନର ବେଆଇନ କାର୍ଯ୍ୟକଳାପର ପ୍ରମାଣ ଭାବରେ ଉଲ୍ଲେଖ କରାଯାଇଥିଲା ଯେଉଁଥିରେ ଆବେଦନକାରୀ ଜଣେ ସକ୍ରିୟ ସଦସ୍ୟ ଥିଲେ । ଏହି ବ୍ୟାଖ୍ୟା କ୍ୱଚିତ୍ ବିଶ୍ୱାସଯୋଗ୍ୟ ଏବଂ କାଳାନୁକ୍ରମର ଏହି ତ୍ରୁଟିକୁ ଆମ୍ଭେ ଅସାବଧାନତାର ସଙ୍କେତ ଭାବରେ ବିବେଚନା କରୁଛୁ । ବ୍ୟକ୍ତିଙ୍କ ସ୍ୱାଧୀନତା ସହିତ ଜଡ଼ିତ ମାମଲାଗୁଡ଼ିକ ଉପରେ ଉପଯୁକ୍ତ ଯତ୍ନ ଏବଂ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ଏହି ନ୍ୟାୟାଳୟଙ୍କ ଦ୍ୱାରା ବାରମ୍ବାର ଚେତାବନୀ ଦିଆଯାଇଥିବା ସତ୍ତ୍ୱେ, ଏହା ଦେଖିବା ଦୁଃଖଦାୟକ ଯେ ଏହିପରି ବିଷୟଗୁଡ଼ିକୁ ଅସାବଧାନତା ଏବଂ ଅନିୟମିତତା ସହ ପରିଚାଳନା କରାଯାଉଛି । ତେବେ, ଆମ୍ଭ ସମ୍ମୁଖରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦାଖଲ ହୋଇଥିବା ଶପଥ ପତ୍ରରେ ଥିବା ବିବୃତ୍ତି ଯେ ଦାୟିତ୍ୱବାନ ଗୁଇନ୍ଦା ଅଧିକାରୀମାନଙ୍କ ଦ୍ୱାରା ତାଙ୍କ ସମ୍ମୁଖରେ ରଖାଯାଇଥିବା ରିପୋର୍ଟ ଏବଂ ତଥ୍ୟଗୁଡ଼ିକୁ ସେ ଧ୍ୟାନପୂର୍ବକ ପଢିଥିଲେ ଏବଂ ବିଚାର କରିଥିଲେ, ଏବଂ ସେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଥିଲେ ଯେ ଜନ ସଂଘ ଇତ୍ୟାଦି ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନ ଏବଂ ବିଦ୍ରୋହରେ ଆବେଦନକାରୀ ସହାୟତା କରୁଥିଲେ – ଏହାକୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କ ତରଫରୁ କରାଯାଇଥିବା ଉପସ୍ଥାପନ ଅନୁଯାୟୀ ଅଟକାଦେଶ କରିବା ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରାସଙ୍ଗିକ ବିଷୟଗୁଡ଼ିକୁ ସଚେତନ ଭାବେ ବିଚାର କରିବାରେ ବିଫଳ ହୋଇଥିଲେ ବୋଲି ଆମ୍ଭେ ବିଚାର କରିବାକୁ ପ୍ରସ୍ତୁତ ନାହୁଁ ।

ଶ୍ରୀଯୁକ୍ତ ବେଦ ବ୍ୟାସଙ୍କ ଦ୍ୱାରା କରାଯାଇଥିବା ଦ୍ୱିତୀୟ ଯୁକ୍ତିଟି ଅଧିକ ଭୟାବହ । ଯେପରି ପୂର୍ବରୁ କୁହାଯାଇଛି, ଯଦିଓ ଆଧାର ବିବୃତିର ପ୍ରଥମ ଅନୁଚ୍ଛେଦ ତିନୋଟି ରାଜନୈତିକ ସଂସ୍ଥାର ବେଆଇନ କାର୍ଯ୍ୟକଳାପକୁ ପ୍ରକାଶ କରେ, ଏହା ଆବେଦନକାରୀଙ୍କୁ ସିଧାସଳଖ ସେଗୁଡ଼ିକ ମଧ୍ୟରୁ କୌଣସିଟିରେ ସମ୍ପୃକ୍ତ କରେ ନାହିଁ । ଦ୍ୱିତୀୟ ଅନୁଚ୍ଛେଦରେ ଦର୍ଶାଯାଇଛି ଯେ ଆବେଦନକାରୀ ସେହି କାର୍ଯ୍ୟକଳାପରେ କିପରି ଜଡ଼ିତ ଥିଲେ । ଏହା କହି ଏହା ଆରମ୍ଭ ହୋଇଛି - "ନିମ୍ନଲିଖିତ ତଥ୍ୟଗୁଡ଼ିକ ଦର୍ଶାଏ ଯେ ଆପଣ ବ୍ୟକ୍ତିଗତ ଭାବରେ ଉପରୋକ୍ତ ଆନ୍ଦୋଳନଗୁଡ଼ିକରେ ସାହାଯ୍ୟ କରୁଛନ୍ତି ଏବଂ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି ଯାହାର ଫଳସ୍ୱରୂପ ହିଂସା ଏବଂ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ବିପଦ ସୃଷ୍ଟି ହୋଇଛି" । ଏହା ପରେ ଚାରୋଟି ଉପ-ଅନୁଚ୍ଛେଦ (a) ରୁ (d) ରହିଛି ଯାହା 1953 ମସିହା ଜାନୁଆରୀ ଏବଂ ଫେବୃଆରୀ ମାସରେ ଅନୁଷ୍ଠିତ ହୋଇଥିବା ଜନସଂଘର କାର୍ଯ୍ୟକାରିଣୀ ସମିତିର ଗୋପନୀୟ ବୈଠକକୁ ଉଲ୍ଲେଖ କରେ, ଯେଉଁଠାରେ ଏହା

*1953*
*ଡାକ୍ତର ରାମ କ୍ରିଷନ୍ ଭରଦ୍ୱାଜ ବନାମ ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ*
*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

ଅଭିଯୋଗ କରାଯାଇଛି ଯେ, ଅଭିଯାନ ଆରମ୍ଭ କରିବାକୁ ଏବଂ ଏହାକୁ ତୀବ୍ର କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଆବେଦନକାରୀ ଉତ୍ତେଜକ ଭାଷଣ ଦେଇଥିଲେ । ଯେଉଁ ଉପ-ଅନୁଚ୍ଛେଦ (e) ଉପରେ ଏହି ବିବାଦ ଆଧାରିତ, ତାହା ଏହିପରି ଅଟେ:

"(e) ଆପଣ ଦିଲ୍ଲୀର ଏକ ସ୍ଥାନୀୟ ଅଞ୍ଚଳ ବଡ଼ା ହିନ୍ଦୁ ରାଓ ଶରଣାର୍ଥୀ ସଂଘର ସଭାପତି ଭାବେ ଶରଣାର୍ଥୀମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀମାନଙ୍କ ନାମ ତାଲିକାଭୁକ୍ତ କରାଇ ଆନ୍ଦୋଳନ ଆୟୋଜନ କରିଆସୁଛନ୍ତି" । ଶ୍ରୀ ବେଦ ବ୍ୟାସ ଏହା ଯୁକ୍ତି କରିଛନ୍ତି ଯେ ଏହି ଆଧାର ଅତ୍ୟନ୍ତ ଅସ୍ପଷ୍ଟ ଅଟେ ଏବଂ ଆବେଦନକାରୀଙ୍କୁ ଅଟକାଦେଶ ବିରୁଦ୍ଧରେ ପର୍ଯ୍ୟାପ୍ତ ପ୍ରତିବେଦନ କରିବାକୁ ସକ୍ଷମ କରିବା ପାଇଁ କୌଣସି ବିବରଣୀ ପ୍ରଦାନ କରେ ନାହିଁ ଏବଂ ସେଥିପାଇଁ ଏହା ଅନୁଚ୍ଛେଦ 22 (5) ରେ ଥିବା ସାମ୍ବିଧାନିକ ସୁରକ୍ଷାକୁ ଉଲ୍ଲଙ୍ଘନ କରେ । ବିଜ୍ଞ ଓକିଲ *ଆତ୍ମା ରାମ ବୈଦ୍ୟଙ୍କ ମାମଲାର*[1] ନିଷ୍ପତ୍ତି ଉପରେ ନିର୍ଭର କରିଛନ୍ତି ଯେଉଁଠାରେ ଏହି ନ୍ୟାୟାଳୟ ଏକ ସଂଖ୍ୟାଗରିଷ୍ଠତା ଦ୍ୱାରା ରାୟ ଦେଇଥିଲେ ଯେ ଅଟକବନ୍ଦୀଙ୍କ ଅଟକାଦେଶର ଆଧାର ଜାଣିବାର ଅଧିକାର ବ୍ୟତୀତ, ପରିସ୍ଥିତି ଅନୁଯାୟୀ ସମ୍ପୂର୍ଣ୍ଣ ଏବଂ ପର୍ଯ୍ୟାପ୍ତ ବିବରଣୀ ପାଇବାର ଅଧିକାର ମଧ୍ୟ ରହିଛି ଯାହା ତାଙ୍କୁ ଅଟକାଦେଶ ବିରୁଦ୍ଧରେ ପ୍ରତିବେଦନ କରିବାକୁ ସକ୍ଷମ କରିବ । ଆହୁରି ମଧ୍ୟ ବିଚାର କରାଯାଇଥିଲା ଯେ, "ଦ୍ୱିତୀୟ ଯୋଗାଯୋଗରେ" ଦିଆଯାଇଥିବା ବିବରଣୀର ପର୍ଯ୍ୟାପ୍ତତା ଏକ ନ୍ୟାୟସଙ୍ଗତ ପ୍ରସଙ୍ଗ, ଯାହାର ପରୀକ୍ଷଣ ହେଉଛି ଯେ ସେଗୁଡ଼ିକ ଅଟକବନ୍ଦୀଙ୍କୁ ଏକ ପ୍ରତିବେଦନ କରିବାକୁ ସକ୍ଷମ କରିବାକୁ ଯଥେଷ୍ଟ କି ନାହିଁ "ଯେଉଁ ଗୁଡ଼ିକର ବିଚାର କରାଯିବା ପରେ ତାଙ୍କୁ ପ୍ରତିକାର ମିଳିପାରେ" । ଅନୁଚ୍ଛେଦ 22 (5) ର ଏହି ବ୍ୟାଖ୍ୟା ଆଧାରରେ ବିଚାର ପାଇଁ ଦୁଇଟି ପ୍ରଶ୍ନ ଆସିଅଛି: ପ୍ରଥମତଃ, ଉପ-ଅନୁଚ୍ଛେଦ (e) ରେ ଉଲ୍ଲିଖିତ ଆଧାରଟି ଏତେ ଅସ୍ପଷ୍ଟ ଅଟେ କି ଯେ ଏହା ଦ୍ୱାରା ଆବେଦନକାରୀଙ୍କ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷମାନଙ୍କ ନିକଟରେ ପର୍ଯ୍ୟାପ୍ତ ପ୍ରତିବେଦନ କରିବା ଯଦିଓ ଅସମ୍ଭବ ନୁହେଁ, କିନ୍ତୁ କଷ୍ଟକର ହେବ, ଏବଂ ଦ୍ୱିତୀୟତଃ, ଯଦି ଏହା ଅସ୍ପଷ୍ଟ ଅଟେ, ତେବେ ଅନ୍ୟାନ୍ୟ ଆଧାର ମଧ୍ୟରେ, ଯାହା ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ, ଅସ୍ପଷ୍ଟ ଆଧାର ଅନୁଚ୍ଛେଦ 22 (5) ରେ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ସୁରକ୍ଷାକୁ ଉଲ୍ଲଙ୍ଘନ କରିବ କି ନାହିଁ ।

ପ୍ରଥମ ପ୍ରଶ୍ନ ଉପରେ, ଆଟର୍ଣ୍ଣି-ଜେନେରାଲ୍ ଯୁକ୍ତି କରିଥିଲେ ଯେ ଆଧାରଗୁଡ଼ିକୁ ଏକ ସମଗ୍ର ଭାବରେ ପଢିବା ଆବଶ୍ୟକ ଏବଂ ଏହିପରି ପଢ଼ିଲେ, ଉପ-ଅନୁଚ୍ଛେଦ (e) ରେ ଉଲ୍ଲିଖିତ ଆଧାରକୁ ଯୁକ୍ତିଯୁକ୍ତ ଭାବରେ ଏହି ଅର୍ଥରେ ନିଆଯାଇପାରେ ଯେ ଆବେଦନକାରୀ ବଡ଼ା ହିନ୍ଦୁ ରାଓ

[1] [1951] S.C.R. 67.

ଭାବରେ ଜଣାଶୁଣା ଅଞ୍ଚଳରେ ମାର୍ଚ୍ଚ 4 ତାରିଖରୁ 10 ତାରିଖ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀମାନଙ୍କ ନାମ ତାଲିକାଭୁକ୍ତ କରାଇ ଆନ୍ଦୋଳନ ଆୟୋଜନ କରୁଥିଲେ । ଏହି ବ୍ୟାଖ୍ୟାକରଣ ଆପାତତଃ ସମ୍ଭବପର ଅଟେ, କିନ୍ତୁ ଆବେଦନକାରୀ, ଯିଏକି ଜଣେ ସାଧାରଣ ବ୍ୟକ୍ତି ହୋଇଥିବାରୁ ଦସ୍ତାବିଜଗୁଡ଼ିକର ବ୍ୟାଖ୍ୟାକରଣରେ ଅଭିଜ୍ଞ ନୁହଁନ୍ତି, ତାଙ୍କ ଠାରୁ ଏହା କ୍ୱଚିତ୍ ଆଶା କରାଯାଇପାରିବ ଯେ ସେ ଆଇନଗତ ସହାୟତା ବିନା, ଯାହା ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଛି, ଆଟର୍ଣ୍ଣି ଜେନେରାଲଙ୍କ ଦ୍ୱାରା ବୋଧଗମ୍ୟ କରାଯାଇଥିବା ଅର୍ଥରେ ଏହି ଆଧାରକୁ ବ୍ୟାଖ୍ୟା କରିବାକୁ ସମର୍ଥ ହେବେ । ନିଶ୍ଚିତ ଭାବରେ, ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ଉପରେ ଏହା ନିର୍ଭର କରେ ଯେ ସେ ନିଜର ଅର୍ଥକୁ ସମସ୍ତ ସନ୍ଦେହ ଦୂର କରି ସ୍ପଷ୍ଟ କରିଦେବା ଉଚିତ ଏବଂ ଏହି ଅଟକର ଆଧାରଗୁଡ଼ିକୁ ଅଟକବନ୍ଦୀଙ୍କ ନିଜ ବୁଝିବା କ୍ଷମତା ଉପରେ ନିର୍ଭର କରି ବ୍ୟାଖ୍ୟା କରିବା ପାଇଁ ଛାଡ଼ିଦେବା ଉଚିତ ନୁହେଁ । ତେଣୁ, ଆମ୍ଭ ମତରେ ଅନୁଚ୍ଛେଦ 2 ର ଉପ-ଅନୁଚ୍ଛେଦ (e) ରେ ଉଲ୍ଲିଖିତ ଆଧାର, ଉପୋରକ୍ତ ବ୍ୟାଖ୍ୟାର ଅର୍ଥରେ, ଅସ୍ପଷ୍ଟ ଅଟେ ।

ଦ୍ୱିତୀୟ ପ୍ରଶ୍ନ ଉପରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ଏପରି କୌଣସି ବିଚାରଯୋଗ୍ୟ ରାୟ ନାହିଁ, ଯଦିଓ କେତେକ ମାମଲାରେ, କୌଣସି ତର୍କର ଅଭାବରେ, ଏହା ଅନୁମାନ କରାଯାଇଥିବା ପରି ଜଣାପଡ଼େ ଯେ ଗୋଟିଏ କିମ୍ବା ଦୁଇଟି ଅସ୍ପଷ୍ଟ ଆଧାର ଅଟକ ରଖିବାର ବୈଧତା ଉପରେ ପ୍ରଭାବ ପକାଇପାରିବ ନାହିଁ ଯେଉଁଠାରେ ଅଟକକୁ ସମର୍ଥନ କରିବା ପାଇଁ ଅନ୍ୟ ପର୍ଯ୍ୟାପ୍ତ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ଆଧାର ରହିଥିବ । ଶ୍ରୀଯୁକ୍ତ ବେଦ ବ୍ୟାସ ଏବେ ଯୁକ୍ତି କରିଛନ୍ତି ଯେ ଯଦିଓ ଆବେଦନକାରୀ ପରାମର୍ଶଦାତା ବୋର୍ଡ଼ର ସନ୍ତୋଷ ପାଇଁ ଅନ୍ୟ ଆଧାରଗୁଡ଼ିକୁ ଖଣ୍ଡନ କରିବାରେ ସଫଳ ହୁଅନ୍ତି, ଉପ-ଅନୁଚ୍ଛେଦ (e) ରେ ଉଲ୍ଲିଖିତ ଆଧାର ସମ୍ବନ୍ଧରେ ବିବରଣୀ ନଥିବାରୁ, ଯାହାକୁ ସେ ଖଣ୍ଡନ କରିପାରିଥାନ୍ତେ, ତାଙ୍କ ପ୍ରତିବେଦନ ବିଶ୍ୱାସଯୋଗ୍ୟ ହେବାରେ ବିଫଳ ହୋଇପାରେ ଏବଂ ସେଥିପାଇଁ, ପରାମର୍ଶଦାତା ବୋର୍ଡ଼ ତାଙ୍କ ଅଟକକୁ ଜାରି ରଖିବା ପାଇଁ ସୁପାରିଶ କରିପାରନ୍ତି । ଏହି ତର୍କରେ କୌଣସି ଶକ୍ତି ନାହିଁ ବୋଲି କହି ହେବନି ଯେହେତୁ ପ୍ରସ୍ତାବିତ ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଅଗ୍ରାହ୍ୟ କରାଯାଇପାରିବ ନାହିଁ । ଆଟର୍ଣ୍ଣି ଜେନେରାଲ୍ ନିକଟରେ ହୋଇଥିବା ପ୍ରତିରୋଧାତ୍ମକ ଅଟକ ଅଧିନିୟମର ଧାରା 10 ର ସଂଶୋଧନ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ, ଯାହାର ଫଳସ୍ୱରୂପ ଆବେଦନକାରୀ ଚାହିଁଲେ ପରାମର୍ଶଦାତା ବୋର୍ଡ଼ ସମ୍ମୁଖରେ ବ୍ୟକ୍ତିଗତ ଭାବେ ଶୁଣାଣି ପାଇଁ ସେ ହକଦାର ହେବେ ଏବଂ ଏହା କୁହାଯାଇଥିଲା ଯେ, ଯଦି ବୋର୍ଡ଼ ଭାବିଥାନ୍ତା ଯେ ଆବଶ୍ୟକ ବିବରଣୀର ଦାବି ଏହି ପରିସ୍ଥିତିରେ ନ୍ୟାୟସଙ୍ଗତ ଏବଂ ଯୁକ୍ତିଯୁକ୍ତ ଥିଲା, ତେବେ ବୋର୍ଡ଼ ଉପଯୁକ୍ତ ସରକାରଙ୍କୁ ବିବରଣୀ ପ୍ରଦାନ କରିବାକୁ କହିପାରିଥାନ୍ତା ଏବଂ ଏହି ବୋର୍ଡ଼

*1953*

*ଡାକ୍ତର ରାମ କ୍ରିଷନ୍ ଭରଦ୍ୱାଜ ବନାମ ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟମାନେ*

*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

ମାଧ୍ୟମରେ ଏହି ଆବଶ୍ୟକ ବିବରଣୀ ହାସଲ କରିବାର ସୁଯୋଗ ଆବେଦନକାରୀଙ୍କୁ ମିଳିପାରିଥାନ୍ତା । ତେଣୁ ଆବେଦନକାରୀଙ୍କୁ ପୂର୍ବରୁ ଯଥେଷ୍ଟ ବିବରଣୀ ପ୍ରଦାନ କରାଯାଇନଥିବା କାରଣରୁ କୌଣସି ଅସୁବିଧା କିମ୍ବା ପ୍ରତିକୂଳ ପ୍ରଭାବ ଭୋଗିବାକୁ ପଡ଼ିବ ନାହିଁ । ତେବେ ପ୍ରଶ୍ନ ଏହା ନୁହେଁ ଯେ ଆବେଦନକାରୀ ପ୍ରକୃତରେ ତାଙ୍କ ପ୍ରତିବେଦନ ଦ୍ୱାରା ନିଜକୁ ମୁକ୍ତ କରିବା ପ୍ରସଙ୍ଗରେ ପ୍ରତିକୂଳ ଭାବରେ ପ୍ରଭାବିତ ହେବେ କି ନାହିଁ, କିନ୍ତୁ ପ୍ରଶ୍ନ ହେଉଛି ଏହା ଯେ ତାଙ୍କ ସାମ୍ବିଧାନିକ ସୁରକ୍ଷା ଉଲ୍ଲଙ୍ଘନ ହୋଇଛି କି ନାହିଁ । ପ୍ରତିରୋଧାତ୍ମକ ଅଟକ ବ୍ୟକ୍ତିଗତ ସ୍ୱାଧୀନତାର ଏକ ଗୁରୁତର ଉଲ୍ଲଙ୍ଘନ ଏବଂ କ୍ଷମତାର ଅନୁପଯୁକ୍ତ ପ୍ରୟୋଗ ବିରୁଦ୍ଧରେ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଏହିପରି ସ୍ୱଳ୍ପ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ନ୍ୟାୟାଳୟଙ୍କ ଦ୍ୱାରା ସଜାଗ ଭାବରେ ନଜର ରଖିବା ଏବଂ କାର୍ଯ୍ୟକାରୀ କରିବା ଆବଶ୍ୟକ । ଅନୁଚ୍ଛେଦ 22 (5) ଅନୁଯାୟୀ, ଯେପରି ଏହି ନ୍ୟାୟାଳୟଙ୍କ ଦ୍ୱାରା ଏକ ସଂଖ୍ୟାଗରିଷ୍ଠତା ରାୟ ଦ୍ୱାରା ବ୍ୟାଖ୍ୟା କରାଯାଇଛି, ଏହି ମାମଲାରେ, ତାଙ୍କୁ ଅଟକ ରଖିବାର ଆଧାରଗୁଡ଼ିକର ବିବରଣୀ ପାଇବାର ଅଧିକାର ଆବେଦନକାରୀଙ୍କ ରହିଛି ଯାହା "ତାଙ୍କୁ ଏକ ପ୍ରତିବେଦନ କରିବାକୁ ସକ୍ଷମ କରିବା ପାଇଁ ଯଥେଷ୍ଟ ହେବ ଏବଂ ଯାହାକୁ ବିଚାର କରାଯିବା ପରେ ତାଙ୍କୁ ପ୍ରତିକାର ମିଳିପାରେ" । ଆମ୍ଭ ମତରେ ଏହି ଆଧାରଗୁଡ଼ିକ ଅସ୍ପଷ୍ଟ ହେବା ଉଚିତ ନୁହେଁ ବୋଲି ରହିଥିବା ସାମ୍ବିଧାନିକ ଆବଶ୍ୟକତା, ସମ୍ବିଧାନର ଅନୁଚ୍ଛେଦ 22 ର ଖଣ୍ଡ (6) ଅନୁଯାୟୀ ବିଶେଷାଧିକାର ଦାବିର ବଶବର୍ତ୍ତୀ ରହି, ଅଟକବନ୍ଦୀଙ୍କୁ ଜଣାଯାଇଥିବା ପ୍ରତ୍ୟେକଟି ଆଧାର ସମ୍ବନ୍ଧରେ ସନ୍ତୁଷ୍ଟ ହେବା ଆବଶ୍ୟକ । ଆଧାର ବିବୃତିର ଅନୁଚ୍ଛେଦ 2 ର ଉପ-ଅନୁଚ୍ଛେଦ (e) ରେ ଉଲ୍ଲିଖିତ ଆଧାର ସମ୍ବନ୍ଧରେ ତାହା କରାଯାଇନଥିବାରୁ, ଆବେଦନକାରୀଙ୍କ ଅଟକକୁ ଅନୁଚ୍ଛେଦ 21 ର ଅର୍ଥ ମଧ୍ୟରେ ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା ଅନୁଯାୟୀ ହୋଇଥିବାର କୁହାଯାଇପାରିବ ନାହିଁ । ତେଣୁ ଆବେଦନକାରୀ ମୁକ୍ତ ହେବା ପାଇଁ ହକଦାର ଅଟନ୍ତି ଏବଂ ସେହି ଅନୁଯାୟୀ ଆମ୍ଭେ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଆବେଦନକୁ ଅନୁମତି ଦିଆଗଲା ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: ଗଣପତ୍ ରାୟ ।

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: ଜି. ଏଚ୍. ରାଜାଧ୍ୟକ୍ଷ ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ବୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ବର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।